# Akashvani, Sambalpur

## SAMBALPURI NEWS MORNING BULLETIN

## 9 July 2026 - 6.47- 6.52 am.

---

ଉପରାଷ୍ଟ୍ରପତି-ଭୁବ୍‌ନେଶ୍ୱର୍ ଗସ୍ତ ପି.ଆଇ.ବି.

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଏଜ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ଇ ଅବ୍‌ସରେ ଉପରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ଆଉ ବୈଷୟିକ୍ ବିଶ୍ୱବିଦ୍ୟାଳୟ - ଓୟୁଏଟି ନ ହେବାର୍‌କେ ଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ୍‌ର ଶୁଭାରମ୍ଭ କର୍‌ବେ । ଇତାର୍‌ସହେତେ ଗହୀର ସମୁଦ୍ରନୁ ମତ୍ସ୍ୟସମ୍ପଦ୍‌ର ସ୍ଥାୟୀ ଉପଯୋଗ୍ ଲାଗି ମଛୁଆରା ମାନ୍‌କୁ ପ୍ରାଧିକରଣ୍ ପତ୍ର ବାଂଟ୍‌ବେ ।  ଆଝିରର୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ମନ୍ତ୍ରୀ, ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ରହେବେ ।

ହୀରାକୁଦ୍ ଜଲ୍ଭଣ୍ଡାର୍          ଆର୍ଏନ୍ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ଆଏଜ୍ ସଖାଲର୍ ୧୧ ବଜେ ଇ ବଛ୍ରର୍ ପହେଲା ବଏଢ୍ ପାଏନ୍ ଛଡ଼ାଯିବା । ଇଥିର୍ଲାଗି ୧୨ ଟା ଜିଲ୍ଲାର୍ ଜିଲ୍ଲାପାଲ୍ମାନ୍କୁ ଡେମ୍ କର୍ତୃପକ୍ଷଙ୍କର୍ ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ଗେଟ୍ ଖୁଲ୍ବାର୍ ବେଲ୍କେ ମହାନଦୀ ଭିତର୍କେ ଯେନ୍ତା କେହି ନାଇଁଯିବେ ସେଥିର୍ଲାଗି ସତର୍କ କରାଯାଇଛେ । ସୁରକ୍ଷାକେ ନଜର୍ଥି ରଖିକରି ମୁଖ୍ୟ ବନ୍ଧ ଆଉ ତାର୍ ପାଖାପାଖି ଇଲାକାକେ ଜିଲ୍ଲା ପ୍ରଶାସନ୍ ତର୍ଫୁ ନୋ ଫ୍ଲାଇଙ୍ଗ୍ ଜୋନ୍ ଭାବେ ଘୋଷ୍ନା କରାଯାଇଛେ । ଆଏଜ୍ ସଖାଲର୍ ୬ ବଜେ ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୧୪ ଦଶ୍ମିକ୍ ୬/୫ ଫୁଟ୍ଥି ପୁହୁଁଚିଛେ । ଇ ସମିଆଥି ଜଲ୍ଭଣ୍ଡାର୍କେ ଫି ସେକେଣ୍ଡ୍ଥି ୧ ଲାଖ୍ ୬୪ ହଜାର୍ ୯ ଘନଫୁଟ୍ ପାଏନ୍ ଆସୁଛେ ।

ଆଦର୍ଶ ପ୍ରାଥମିକ୍ ବିଦ୍ୟାଳୟ ସମୀକ୍ଷା          ଆଇ ଆଣ୍ଡ୍ ପି.ଆର୍

ରାଏଜେ ପ୍ରାଥମିକ ଶିକ୍ଷାର୍ ବିକାଶ୍ ଲାଗି ସର୍କାର୍ଙ୍କର୍ ଫ୍ଲାଗ୍ସିପ୍ କାର୍ଯ୍ୟକ୍ରମ୍ ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ୍ ବିଦ୍ୟାଲୟ ପ୍ରକଳ୍ପର ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ଗଲାକାଏଲ୍ ଭୁବ୍ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଚଲ୍ତି ଆର୍ଥିକ୍ ବଛ୍ରେ ଇ ପ୍ରକଳ୍ପ ଲାଗି ସର୍କାର୍ ପାଖାପାଖି ୨୨ ଶହ କୋଟିନୁ ଅଏତ୍କା ଟଙ୍କାର୍ ବ୍ୟବସ୍ଥା କରିଛନ୍ । ରାଏଜେ ମୋଟ୍ ୭ ହଜାର୍ ଆଦର୍ଶ ପ୍ରାଥମିକ ବିଦ୍ୟାଲୟ ଥାପ୍ନା କରାଯିବାର୍ ଲକ୍ଷ୍ୟ ରଖାଯାଇଛେ । ପହେଲା ଖେପେ ଆଏବା ବଛର୍ ମାର୍ଚ୍ଚ ମାସ୍ତକ୍ ୨ ହଜାର୍ ୨ ଶହ ଟା ବିଦ୍ୟାଲୟ ତିଆର୍ କାମ୍ ଶେଷ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ସମିଆ ଧାରିଜ୍ କରିଛନ୍ ।

ଜ୍ଞାନୋଦୟ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ ଜ୍ଞାନୋଦୟ - ଶିକ୍ଷା ନୁ ସମୃଦ୍ଧି ଯୋଜ୍ନାର ଶୁଭାରମ୍ଭ କରିଛନ୍ । ଇ ଯୋଜ୍ନାଥି କେଜି ନୁ ପିଜି ତକ୍ ଛାତ୍ରଛାତ୍ରୀମାନ୍କୁ ମାହାଲିଆ ପାଠ୍ ପଢ୍ବାର୍ ସୁଯୋଗ୍ ମିଲ୍ବା ।

୨୦୨୬-୨୭ ଶିକ୍ଷା ବଛ୍ରେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ଅଧୀନ୍ଥି ଥିବା ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ ମାନ୍କେ ପାଠ୍ପଢ଼୍ବାର୍ ଲାଗି ଆବେଦନ୍ କରୁଥିବା ଛାତ୍ରଛାତ୍ରୀ ମାନ୍କର୍ନୁ ଆଡ୍‌ମିଶନ୍ ଫି ନାଇଁ ନେବାର୍କେ କୁହାଯାଇଛେ । ଇ ବାବ୍ଦେ ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଉଚ୍ଚଶିକ୍ଷା ବିଭାଗ୍ର ନିର୍ଦ୍ଦେଶକ ଆଉ ମାଧ୍ୟମିକ ଶିକ୍ଷା ବିଭାଗ୍ର ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମକେଶ୍ ମହାଲିଙ୍ଗ୍ଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ ଲୋକସେବା ଭବନ୍ ନ ଥିବା ବିଭାଗ୍ର ସମ୍ମିଳନୀ କକ୍ଷ ନ ନର୍ସିଂ କଲେଜ୍ ଥାପ୍ନା ଆଉ ଜନସ୍ୱାସ୍ଥ୍ୟ ବାବଦ୍ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ରାଏଜେ ଉଚ୍ଚା ଦର୍ଜାର୍ ନର୍ସିଂ ଶିକ୍ଷାକେ ସୁନିଶ୍ଚିତ୍ କର୍ବାର୍ ଲାଗି ସବୁ ଅନୁଷ୍ଠାନ୍ ନ ଧାରିଜ୍ ହେଇଥିବା ମାନଦଣ୍ଡକେ କଡ଼ାକଡ଼ି ଭାବେ ପାଳନ୍ କରାଯିବା ବଲି ମନ୍ତ୍ରୀ କହିଛନ୍ । ଇ ମାସର୍ ଶେଷ୍ତକ୍ ସବୁ ବେସର୍କାରୀ ନର୍ସିଂ କଲେଜ୍ର ନିରପେକ୍ଷ

ଯାଂଚ୍ କରିକରି ଡି.ଏମ୍.ଇ.ଟି.ଙ୍କର୍ ପାଶେ ରିପୋର୍ଟ ଦାଖଲ୍ କର୍‌ବାର୍‌କେ ସବୁ ଜିଲ୍ଲାପାଲ୍‌ମାନ୍‌କୁ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ନିର୍ମାଣ୍ ବିଭାଗ୍ ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ରାଏଜେ ବିକାଶ୍‌କେ ତୁର୍‌ତି କରବାର୍ ଲାଗି ରାସ୍ତା, ଘର୍, ଆଉ ସେତୁ ତିଆର୍ କାମ୍‌କେ ଧାରିଜ୍ ସମିଆ ଭିତ୍‌ରେ ପୁରା କର୍‌ବାର୍ ଲାଗି ଆଇନ୍ ପୂର୍ତ୍ତ ଆଉ ଅବକାରୀମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଜୋର୍ ଦେଇଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରିକରି ମନ୍ତ୍ରୀ କହିଛନ୍, ଜମି ଅଧିଗ୍ରହଣ୍, ଜଙ୍ଗଲ୍ ଅନୁମୋଦନ୍ ଆଉ ୟୁଟିଲିଟି ସିଫ୍ଟିଙ୍ଗ୍ ବାଗିର୍ ସମସ୍ୟାର୍ ସମାଧାନ୍ ଲାଗି ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ବହୁତ୍ ଜରୁରୀ ଆଏ । ମୁଖ୍ୟଯନ୍ତ୍ର ଆଉ ଅଧିକ୍ଷଣ୍ ଯନ୍ତ୍ରୀମାନେ କ୍ଷେତ୍ର ପରିଦର୍ଶନ୍ ସହେତେ ଫି’ ମାସେ ଅଗ୍ରଗତି ସମୀକ୍ଷା ବୈଠକ୍ କର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ ।

ସଡ଼କ୍ ସୁରକ୍ଷା କର୍ମଶାଳା ଆଇ ଆଣ୍ଡ୍ ପି.ଆର୍

ରାଏଜେ ସଡ଼କ୍ ଦୁର୍ଘଟଣାକେ କମ୍ କରିକରି ସୁରକ୍ଷିତ୍ ଯାତ୍ରାକେ ସୁନିଶ୍ଚିତ୍ କର୍‌ବାର୍ ଉଦ୍ଦେଶ୍ୟଥି ଆଏବା ଦିନେ ୨ ଦିନିଆ କର୍ମଶାଳାର ଆୟୋଜନ୍ କରାଯିବା । ଇଥିର୍‌ଲାଗି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ୍‌ଙ୍କର୍ ଅଧ୍ୟକ୍ଷତାଥି ପହେଲା ଖେପ୍ ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ହେଇଯାଇଛେ । ଭିନ୍ ଭିନ୍ କାରଣ୍‌ନୁ ଦୁର୍ଘଟଣା ହେଉଥିବାର୍ ବାବ୍‌ଦେ ଆଲୋଚନା ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଦୁର୍ଘଟଣା ହଉଥିବା ଇଲାକାକେ ବ୍ଲେକ୍ ସ୍ପଟ୍ ଚିହ୍ନଟ୍ କରିକରି ତାର୍ ସଠିକ୍ ପରିଚାଲନା, ଆଧୁନିକ୍ ଜ୍ଞାନ୍‌କୌଶଲ୍ ବେଭାର୍ କରିକରି ଦୁର୍ଘଟଣା ମୁକ୍ତ ରାସ୍ତା ତିଆର୍ ଆଉ ଜାତୀୟ ରୋଡ୍ କଂଗ୍ରେସ୍ ମାର୍ଗଦର୍ଶିକା ଅନ୍‌ସାରେ ପାଦ୍ ଚଲା ରାସ୍ତା ତିଆର୍ ଉପ୍‌ରେ ମନ୍ତ୍ରୀ ଜୋର୍ ଦେଇଥିଲେ ।

ମୁଖ୍ୟଶାସନ୍-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬ ଆଉ ୨୦୪୭ ର ଅଗ୍ରଗତି ବାବ୍‌ଦେ ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି

ଗଲାକାଏଲ୍ ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି 'ଦ କନ୍‌ଭର୍‌ଜେନ୍ ଫାଉଣ୍ଡେସନ୍' - ଟି.ସି.ଏଫ୍. ଆଉ ଇତାର୍ ସହଯୋଗୀ ସଂସ୍ଥାମାନ୍‌କର୍ ପ୍ରତିନିଧିମାନେ ଉପସ୍ଥିତ୍ ଥିଲେ । ରାଜ୍ୟ ସର୍‌କାର୍ ଆଉ ଟି.ସି.ଏଫ୍. ଭିତ୍‌ରେ ୨୦୨୫ ଫେବୃଆରୀ ମାସେ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଥିଲା । ଇ ବୁଝାମଣାପତ୍ର ଜରିଏ ରାଏଜେ ହେଉଥିବା କାର୍ଯ୍ୟକ୍ରମ୍‌ର ଅଗ୍ରଗତି ଆଉ ଭବିଷ୍ୟତ୍ ସହଯୋଗ୍‌ର କ୍ଷେତ୍ରମାନ୍‌କର୍ ସମୀକ୍ଷା କରାଯାଇଛେ ।

ଜାତୀୟ କର୍ମଶାଳା ଆଇ ଆଣ୍ଡ୍ ପି.ଆର୍

କେନ୍ଦ୍ର ଜନଜାତି ମନ୍ତ୍ରଣାଳୟ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହେଇଥିବା ଜନଜାତି ଗବେଷଣା ପ୍ରତିଷ୍ଠାନ୍- ଟି.ଆର୍.ଆଇ ର ସଶକ୍ତିକରଣ୍ ଉପ୍‌ରେ ୨ ଦିନିଆ ଜାତୀୟ କର୍ମଶାଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ଭୁବ୍‌ନେଶ୍ୱର୍ ଘୋଷଣାନାମାକେ ଗ୍ରହଣ୍ କରାଯାଇଛେ । ଯେନ୍‌ଟା ବିକଶିତ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍ ଲାଗି ଜନଜାତି

ଗବେଷଣା, ନବସୃଜନ ଆଉ ପ୍ରମାଣ ଭିତିକ ନୀତି ନିର୍ଦ୍ଧାରଣ୍‌କେ ବର୍‌କସ୍ କର୍‌ବାର୍ ଦିଗେ ଗୁଟେ ଜରୁରୀ ପଦକ୍ଷେପ୍ ହେବା ।

କ୍ଷେପଣାସ୍ତ୍ର 'ପିନାକ'            ଆର୍‌ଏନ୍‌ୟୁ/ ସମ୍ବଲପୁର

କ୍ଷେପଣାସ୍ତ୍ର 'ପିନାକ'ର ଉଡ଼ାଣ୍ ପରୀକ୍ଷଣ୍ ସଫଲ୍ ହେଇଛେ । ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ - ଡିଆର୍‌ଡିଓ ତର୍‌ଫୁ ଚାନ୍ଦିପୁର୍ ଆଇଟିଆର୍‌ନୁ ଗଲାକାଏଲ୍ ଇ ପରୀକ୍ଷଣ୍ କରାଯାଇଛେ । ଇ କ୍ଷେପଣାସ୍ତ୍ର ଦୂରଗାମୀ ଲକ୍ଷ୍ୟଭେଦୀ ରକେଟ୍ ଆଏ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ରାଜ୍ୟର୍ ଗୁଟେ କି ଦୁଇଟା ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ସହେତେ ଚଡ଼କ୍ ମାରିପାରେ । ସୁନ୍ଦର୍‌ଗଡ୍, ଅନୁଗୁଲ୍, କେନ୍ଦୁଝର୍ ଆଉ ମୟୁର୍‌ଭଞ୍ଜ୍ କେତେଟା ଜାଗା ନ ବିଜ୍‌ଲି ମାରିକରି ଧୁକାଗର୍ଡ଼୍ହି ହେବାର୍ ସମ୍ଭାବନାକେ ନେଇକରି ସତର୍କ ସୂଚ୍‌ନା ଜାରି କରାଯାଇଛେ ।